ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୬ ଫେବୃୟାରୀ, ୨୦୨୩

## ନୋଭାଟୋ ଫିଏଷ୍ଟା ଅନୁଷ୍ଠିତ

ଭଞ୍ଜନଗର,(ଡି.ଏନ୍.ଏ.): ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ନୋଭାଟୋ ଫିଏଷ୍ଟା-୨୦୨୩ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଭୂତି ଭୂଷଣ ପାଣିଗ୍ରାହୀ, ପ୍ରାଶାସନିକ ଅଧିକାରୀ ପ୍ରାଧ୍ୟାପକ ସାତ୍ୟକି ସାହୁ, ଶୈକ୍ଷିକ ପରିଷଦ ସଂଯୋଜକ ପ୍ରାଧ୍ୟାପକ ବିଭାସ ଦାସ, ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁନୀଲ ଦାସ, ଅଧ୍ୟାପକ ହରିଶ ଭଞ୍ଜର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ଜ୍ୟୋତି ରାଣୀ ଗୁପ୍ତା ସଂଯୋଜନା କରିଥିଲେ। ଅଧ୍ୟାପକ ରଜନୀ କାନ୍ତ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ରୀ ଜେ. ଅଲିଶା ପୃଷ୍ଟି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ଦୁର୍ଗା ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**ସଂକ୍ଷେପରେ**

## ନୂତନ ତହସିଲଦାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଶେରଗଡ଼,୫।୨(ଡି.ଏନ.ଏ.):** ଶେରଗଡ଼ ତହସିଲରେ ରବିବାର ଏକ ସ୍ୱାଗତ ଓ ବିଦାୟୀ କାଳୀନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ପୂର୍ବରୁ ଯୋଗ ଦେଇଥିବା ତହସିଲଦାର ତ୍ରିଦେବ ରଥ ସଭାପତିତ୍ୱ କରିଥିଲେ। ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲିକ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବିଦାୟୀ ତହସିଲଦାର ଡ଼. ଦୟାସିନ୍ଧୁ ପରିଡାଙ୍କୁ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।ପରେ ନୂତନ ତହସିଲଦାର ତ୍ରିଦେବ ରଥଙ୍କୁ ମଧ୍ୟ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସଭାରେ ବିଡିଓ ଶିବାସିଶ ବରାଳ, ମନୋଜ କୁମାର ନାହାକ, ଖବରଦାତା ସୁବ୍ରତ କୁମାର ପଣ୍ଡା, ସୂର୍ଯ୍ୟ ନାରାୟଣ ଦାଶ, ଅଖିଳ କୁମାର ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାମଚରିତ ମାନସ

**ଧରାକୋଟ,୫।୨(ଡି.ଏନ୍.ଏ.):** ଧରାକୋଟ ସ୍ଥିତ ରାମ ବନବାସ ମଠରେ ନଅ ଦିନ ବ୍ୟାପୀ ରାମ ଚରିତ ମାନସ ସାଙ୍ଗକୁ ମହା ବିଷ୍ଣୁଙ୍କ ଘୃତ ଯଜ୍ଞ, ଦୀପ ଯଜ୍ଞ ଓ ଶହେ ଆଠ ହନୁମାନ ଚାଳିଶା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରବଚକ ଭାବରେ ସୁଧୀର ମହାରାଜ, ସୂର୍ଯ୍ୟ ନାରାୟଣ ଦାସ,ନବୀନ ମହାରାଜ ଜି ବିଭିନ୍ନ ଦିନରେ ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ। ଶେଷ ଦିନରେ ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଉପସ୍ଥିତ ରହି ପୂର୍ଣ୍ଣାହୁତି ପ୍ରଦାନ କରି ଯଜ୍ଞ ସମାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୀତା ସ୍ୱାମୀ ସତ୍‌ସଙ୍ଗ କେନ୍ଦ୍ରର ସକ୍ରିୟ ସଭ୍ୟ ପଦ୍ମ ଚରଣ ବାରିକ, ଗୋଲକ ବିହାରୀ ସାହୁ, କୃତିବାସ ସାହୁ, ଯୋଗେନ୍ଦ୍ର ଘୋଷ, କୃଷ୍ଣ ଚନ୍ଦ୍ର ବେବର୍ତ୍ତା, ଘନ ଶ୍ୟାମ ମହାନ୍ତି, ସୁରେନ୍ଦ୍ର ନାୟକଙ୍କ ସମେତ ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ।

## କମ୍ୟୁନିଷ୍ଟ ନେତାଙ୍କୁ ଶ୍ରଦ୍ଧାଞ୍ଜଳି

**ଗଞ୍ଜାମ,୫।୨(ଡି.ଏନ.ଏ.):** ୧୯୮୫ ମସିହାରେ ହୋଇଥିବା ଲବଣ ଶ୍ରମିକ ଆନ୍ଦୋଳନର କର୍ଣ୍ଣଧାର ତଥା ଗରିବ ଜନସାଧାରଣଙ୍କ ନିସର୍ତ୍ତ ସେବା କରି ଆସିଥିବା କମ୍ୟୁନିଷ୍ଟ ପାର୍ଟିର ସାଥୀ କାମରାଜୁ ପ୍ରଧାନଙ୍କ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଥିଲା। ରବିବାର ସାଥୀ କାମରାଜୁଙ୍କ ଦ୍ୱାଦଶ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସ୍ମୃତି ସଭା ନୀଳାଦ୍ରିପୁର ବାତ୍ୟା ଆଶ୍ରୟ ସ୍ଥଳୀଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ତଥା ସିପିଆଇଏମ ଗଞ୍ଜାମ ବ୍ଲକ ଆଞ୍ଚଳିକ କମିଟି ସମ୍ପାଦକ ସାଥୀ ଦିଲ୍ଲୀପ କୁମାର ଛୋଟରାୟ ସଭାପତିତ୍ୱ କରିଥିଲେ। ସିପିଆଇଏମ୍ ରାଜ୍ୟ ସମ୍ପାଦକ ଅଲିକିଶୋର ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା କୃଷକ ନେତା ପି ହରେକୃଷ୍ଣ ରେଡି, ସିପିଏମ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା, ସିପିଏମ ବରିଷ୍ଠନେତା କୈଳାଶ ଷଡଙ୍ଗୀ କ୍ଷେତ ମଜଦୁର ରାଜ୍ୟ ସମ୍ପାଦକ ବିଦ୍ୟାଧର ଜେନା ବ୍ଲକ ଶାଖା ସଦସ୍ୟ ବିରଞ୍ଚି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଫୁଲସୁନ୍ଦରୀ ପନ୍ଦରା ସମାଜର ବାର୍ଷିକ ସମ୍ମିଳନୀ

**ପାରଳାଖେମୁଣ୍ଡି,୫।୨(ଡି.ଏନ୍.ଏ) :** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଥିବା ମା' ଫୁଲସୁନ୍ଦରୀ ପନ୍ଦରା ସମାଜର ୧୦ମ ବାର୍ଷିକ ସମ୍ମିଳନୀ ଉତ୍ସବ ସ୍ଥାନୀୟ ଆରଏମ୍‌ସି ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ କେ.ନାରାୟଣ ରାଓ, ପୌରାଧ୍ୟକ୍ଷା ନିର୍ମଳା ସେଠୀ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପନ୍ଦରା ସମାଜର ରାଜ୍ୟ ସଭାପତି ଅମର କୁମାର ବେହେରା, ରାଜ୍ୟ ସମ୍ପାଦକ ଚନ୍ଦ୍ରଶେଖର ବାଡ଼ିତ୍ୟା, ୱାର୍ଡ ନମ୍ବର ୩ର କାଉନ୍‌ସିଲର ବାବୁନା ବେହେରା ଏବଂ ୱାର୍ଡ ନମ୍ବର ୪ର ବାଳକୃଷ୍ଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗଜପତି ଜିଲା ସଭାପତି ଜାନକୀ ଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱଜାତି ସଂଗୀତ ଗାନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା ।

## ଆଜିଠୁ ଜିଲା ସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

**ରାଇକିଆ,୫।୨(ଡି.ଏନ.ଏ):** ରାଇକିଆଠାରେ ସୋମବାରଠାରୁ ଜିଲା ସ୍ତରୀୟ କୃଷ୍ଣ ଚନ୍ଦ୍ର ବେହେରା ମେମୋରିଆଲ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ପୂର୍ବତନ ଜିଲା ପରିଷଦ ସଭ୍ୟ ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ବେହେରାଙ୍କ ସ୍ମୃତିରେ ଏହି ଟୁର୍ନାମେଣ୍ଟ କରାଯାଉଛି। ରାଇକିଆ ବ୍ୟାଡମିଣ୍ଟନ ରାଇଡର୍ସ ତରଫରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୨ଦଳ ଭାଗ ନେଉଛନ୍ତି। ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହେବ।

# ଗଞ୍ଜାମରେ ୧୩ ହସ୍ପିଟାଲର ରୂପ ବଦଳିବ

**ଛତ୍ରପୁର,୫।୨(ଡି.ଏନ୍.ଏ.)**

### ଖର୍ଚ୍ଚ ହେବ ୭୭.୪୯କୋଟି

ଗଞ୍ଜାମ ଜିଲାରେ ପ୍ରଥମ ପର୍ଯ୍ୟାୟରେ ୫-ଟି ଆଧାରରେ ୧୩ ହସ୍ପିଟାଲର ରୂପାନ୍ତରୀକରଣ ଲାଗି ଚୂଡାନ୍ତ ହୋଇଛି । ଜିଲାରେ ଥିବା ୧୩ ବିଧାନସଭା ନିର୍ବାଚମଣ୍ଡଳୀରେ ଗୋଟିଏ ଲେଖାଏ ହସ୍ପିଟାଲକୁ ଏଥିରେ ସାମିଲ କରାଯିବ। ସେଥିମଧ୍ୟରେ ବ୍ରହ୍ମପୁରର ସିଟି ହସ୍ପିଟାଲ (ଜିଲା ହେଡକ୍ୱାର୍ଟର ହସ୍ପିଟାଲ), ଛତ୍ରପୁର, ଭଞ୍ଜନଗର, ଆସିକା ଓ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟ ଏବଂ କୋଦଳା, ପୋଲସରା, ଖଲ୍ଲିକୋଟ, କେଲୁଆପଲ୍ଲୀ, ଆଡପଡା, ଚିକିଟି, ସୋରଡା ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ଏସବୁ ହସ୍ପିଟାଲ ରୂପାନ୍ତରୀକରଣ ଲାଗି ୭୭ କୋଟି ୪୯ ଲକ୍ଷ ୧୨ ହଜାର ଟଙ୍କା ଖର୍ଚ୍ଚ ହେବ । ଏ ନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ପକ୍ଷରୁ ଏକ ଆକ୍ସନ ପ୍ଲାନ୍ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବଙ୍କୁ ପଠାଯାଇଥିବା ସୂଚନା ମିଳିଛି । ଏଥିସହ ରୂପାନ୍ତରୀକରଣ କାର୍ଯ୍ୟ ପାଇଁ ଆର୍କିଟେକ୍ମାନଙ୍କ ସହାୟତା ନିଆଯାଇଛି । ୭ ତାରିଖ ସୁଦ୍ଧା ଆର୍କିଟେକର ବିସ୍ତୃତ ତଥା ଚୂଡାନ୍ତ ରିପୋର୍ଟ ଦାଖଲ ହେବ ।

ମିଳିଥିବା ସୂଚନା ଅନୁସାରେ ସିଟି ହସ୍ପିଟାଲ ଲାଗି ୧୧.୨୪ କୋଟି, ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟ ପାଇଁ ୬.୧୨ କୋଟି, ଛତ୍ରପୁର ପାଇଁ ୮.୨୭ କୋଟି, ହିଞ୍ଜିଳି ପାଇଁ ୫.୫୩ କୋଟି, ଆସିକା ପାଇଁ ୭.୬୨ କୋଟି, ପୋଲସରା ସିଏଚସି ପାଇଁ ୪.୦୭ କୋଟି, କୋଦଳା ପାଇଁ ୪.୦୯ କୋଟି, ଖଲ୍ଲିକୋଟ ପାଇଁ ୪.୨୩ କୋଟି, କେଲୁଆପଲ୍ଲୀ ପାଇଁ ୪.୭୭ କୋଟି, ଆଡପଡା ପାଇଁ ୬.୨୬ କୋଟି, ଚିକିଟି ପାଇଁ ୫.୪୫ କୋଟି, ସୋରଡା ପାଇଁ ୪.୭୧ କୋଟି ଏବଂ ଦିଗପହଣ୍ଡି ସିଏଚସି ପାଇଁ ୫.୦୬ କୋଟି ଖର୍ଚ୍ଚ ହେବ । ହସ୍ପିଟାଲକୁ କୌଣସି ରୋଗୀ ଆସିଲେ ଯେପରି ସନ୍ତୋଷ ବ୍ୟକ୍ତ କରି ଫେରିବ ଏବଂ ଏହାକୁ ପ୍ରାଥମିକତା ଦେଇ ୫-ଟି ରୂପାନ୍ତରୀକରଣର ଉଦ୍ଦେଶ୍ୟ ବୋଲି କୁହାଯାଇଛି । ରୂପାନ୍ତରୀକରଣ ହେବାକୁ ଥିବା ହସ୍ପିଟାଲ ଗୁଡିକର ଭିତ୍ତିଭୂମି ସୁଦୃଢ ସହ କୋଠାର ଉନ୍ନତୀକରଣ, ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଆଦି ଷ୍ଟାଫ୍ ସଂଖ୍ୟା ବୃଦ୍ଧି, ପାଇଖାନା, ପାନୀୟଜଳ, ପରିମଳ ସହ ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ କରାଯିବ ।

# ଫୁଲବାଣୀରେ ସର୍ବନିମ୍ନ ୬ ଡିଗ୍ରୀ

### ଶୀତରେ ଥରୁଛି କନ୍ଧମାଳ



ଗାଡି କାଚରେ ବରଫ ଆସ୍ତରଣ ।

**ଫୁଲବାଣୀ ଅଫିସ/ଜି.ଉଦୟଗିରି (ଡି.ଏନ.ଏ.), ୫।୨**

କିଛିଦିନର ବ୍ୟବଧାନ ପରେ କନ୍ଧମାଳରେ ପୁଣି ପ୍ରବଳ ଶୀତ ଅନୁଭୂତ ହୋଇଛି। ଜିଲାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ରବିବାର ୬ ଡିଗ୍ରୀରେ ପହଞ୍ଚିଛି। ଏଠାରେ ଗତ ୨ ଦିନ ହେବ ତାପମାତ୍ରା ୫.୫ ଡିଗ୍ରୀ ରହିଥିଲା । ପ୍ରବଳ ଶୀତ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଲୋକେ ଦିନ ୧୦ଟା ପରେ ବାହାରକୁ ବାହାରକୁ ବାହାରୁଛନ୍ତି। ସକାଳେ ଫୁଲବାଣୀ ସହରରେ କେତେକ ସ୍ଥାନରେ ଗାଡ କାଚ ଉପରେ ବରଫ ଆସ୍ତରଣ ରହିଥିବା ଦେଖାଯାଇଥିଲା। ଜିଲାର ବାଲିଗୁଡ଼ା, ଟୁମୁଡ଼ିବନ୍ଧ, କୋଟଗଡ଼, ବେଲଘର, ଜି.ଉଦୟଗିରି, ରାଇକିଆ ଆଦି ଅଞ୍ଚଳରେ ମଧ୍ୟ ପାରଦ ଖସିବା ଫଳରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁର ଆଶ୍ରୟ ନେଉଛନ୍ତି। ଶୀତରେ ଫିଟ୍ ରହିବା ପାଇଁ ଲୋକେ ସକାଳୁ ଲୋକେ ବ୍ୟାୟମ, ମର୍ଣ୍ଣିଂ ୱାର୍କ କରୁଛନ୍ତି।

ଜି.ଉଦୟଗିରିରେ ଶୁକ୍ରବାର ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଶନିବାର ୩.୨ଡିଗ୍ରୀ ଓ ରବିବାର ୩.୫ ଡିଗ୍ରୀ ସେଲସିୟସ ରହିଛି। ତିନି ଦିନ ହେଲା ପ୍ରବଳ ଶୀତରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି।

# ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

**ଫୁଲବାଣୀ ଅଫିସ, ୫।୨**

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ବିଭାଗ ଆନୁକୂଲ୍ୟରେ ଫୁଲବାଣୀସ୍ଥିତ ବଇଡା ଦିନାରସିଂ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଜିଲାସ୍ତରୀୟ କ୍ରୀଡା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଯୋଗଦେଇ କ୍ରୀଡାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଫୁଟବଲରେ ବାଳକ ବିଭାଗରେ ଫିରିଙ୍ଗିଆ, ଖୋଖୋ ବାଳକ ଓ ବାଳିକା ବିଭାଗରେ ରାଇକିଆ, କବାଡି ବାଳକରେ ବାଲିଗୁଡା, ବାଳିକାରେ ଫୁଲବାଣୀ, ବିଭିନ୍ନ ଆଥଲେଟିକ୍‌ସର ୧୪ଟି ବିଭାଗରେ ଛାତ୍ରୀଛାତ୍ରମାନେ ଭଲ ପ୍ରଦର୍ଶନ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜଗତଜୀବନ ବଗର୍ତ୍ତୀ, ଚକାପାଦ ଡବ୍ଲ୍ୟୁଇଓ ପ୍ରତ୍ୟୁଷ କୁମାର ରଥ, ଫୁଲବାଣୀ ଡବ୍ଲ୍ୟୁଇଓ ପ୍ରଣବ ପରିଡା, ଗୋଚ୍ଛାପଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । କୃଷ୍ଣ ଚନ୍ଦ୍ର ଗୌଡ, ବୀରେନ୍ଦ୍ର ପରିଡା, ସତ୍ୟନାରାୟଣ ମୁଖୀ, ଅକ୍ଷୟ କହଁର ପ୍ରମୁଖ ଶିକ୍ଷକ ଖେଳ ପରିଚାଳନା କରିଥିଲେ । ସୁଧୀର କୁମାର ସାହୁ, ଗୁରୁପ୍ରସାଦ ସାହୁ, ତ୍ରିଲୋଚନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ୧୨ଟି ବ୍ଲକର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ବିଭାଗ ଅଧୀନରେ ଥିବା ବିଦ୍ୟାଳୟର ୧,୧୦୦ ଛାତ୍ରୀଛାତ୍ରମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

**ଗୋପାଳପୁର,୫।୨(ଡି.ଏନ.ଏ.)**

ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ରବିବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ କନିଷି ହାଟ ଗ୍ରାମର ପ୍ରଦୀପ ଦଳବେହେରା ଶନିବାର ରାତିରେ କନିଷି ଢ଼ାବା ଓ ରୁଚି ଢ଼ାବା ପଛପଟେ ଥିବା ବେଳେ ହଳଦିଆପଦର ଗ୍ରାମର ୪ ରୁ ୫ ଯୁବକଙ୍କ ସହିତ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏହା ଉଗ୍ରରୂପ ନେଇ ୫ଜଣ ଯୁବକ ପ୍ରଦୀପଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପ୍ରଦୀପ ଆହତ ହୋଇପଡ଼ିଥିଲେ। ଗୋଳନ୍ଥରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରଦୀପଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ରବିବାର ମୀନତି ଦଳବେହେରା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ନଂ. ୬୬/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# ହୁମ୍ମା ଫାଣ୍ଡି ଅଧିକାରୀଙ୍କୁ ଆକ୍ରମଣ

**ଗଞ୍ଜାମ,୫।୨(ଡି.ଏନ.ଏ.)**

ହୁମ୍ମା ଫାଣ୍ଡି ଅଧିକାରୀ ଦେବଦୂତ ପ୍ରିୟଦର୍ଶୀଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଦେବଦୂତ ଫାଣ୍ଡି ପରିସରରେ ଦୁଇ ଜଣ ଶ୍ରମିକଙ୍କ ସହାୟତାରେ ଅଳିଆ ଆବର୍ଜନା ସଫା କରୁଥିଲେ। ଫାଣ୍ଡିର ଉତ୍ତର ଦିଗରେ ରହୁଥିବା ରଙ୍କନିଧି ପ୍ରଧାନ ଫାଣ୍ଡି ନିକଟକୁ ଆସି ଦୁଇ ଶ୍ରମିକଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳି କରିଥିଲେ। ଫାଣ୍ଡି ଅଧିକାରୀ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଗାଳି କରିବା ସହ ଆକ୍ରମଣ କରିଥିଲେ। ଏଥିରେ ଦେବଦୂତଙ୍କ ବାମ ହାତର ଏକ ଆଙ୍ଗୁଠିରେ ଆଘାତ ଲାଗିଥିବା ଏତଲାରେ ଦର୍ଶାଇଛନ୍ତି ବୋଲି ରମ୍ଭା ଥାନା ଅଧିକାରୀ ପି. ସ୍ୱରୂପ କିସାନ କହିଛନ୍ତି। ଘଟଣାସ୍ଥଳରେ ଥିବା ଅନ୍ୟ ପୋଲିସ କର୍ମଚାରୀମାନେ ବୁଝାଶୁଝା କରିବାରୁ ସେମାନଙ୍କୁ ମଧ୍ୟ ଦୁର୍ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଫାଣ୍ଡି ଅଧିକାରୀ ରମ୍ଭା ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୋଲିସ ନଂ ୭୯/୨୩ ମାମଲା ରୁଜୁ କରିଛି। ରମ୍ଭା ଥାନା ଏସଆଇ ବିକାଶ କୁମାର ସାମଲ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ରଙ୍କନିଧିଙ୍କୁ ଗିରଫ କରିଛନ୍ତି। ସେହିପରି କାଳିଆ କାହ୍ନା ନାମକ ଜଣେ ଶ୍ରମିକ ମଧ୍ୟ ରମ୍ଭା ଥାନାରେ ଏତଲା ଦେଇଛନ୍ତି। ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି।

# 'ଲଡୁବାବୁଙ୍କ ଆଦର୍ଶ ପ୍ରେରଣାର ଉତ୍ସ'

**ଆସିକା,୫।୨(ଡି.ଏନ୍.ଏ.)**

ଆସିକାର ପୂର୍ବତନ ଏମ୍‌ପି ଲଡୁ କିଶୋର ସ୍ୱାଇଁ ଜଣେ ଶାନ୍ତ, ସରଳ ଓ ଦୃଢ଼ମନା ରାଜନେତା ଥିଲେ । କ୍ଷମତାର ଅହଙ୍କାର ଠାରୁ ନିଜକୁ ଦୂରେଇ ରଖି ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କ ସାମଗ୍ରୀକ ସହାୟତା ନିମନ୍ତେ ଉଦ୍ୟମ ଚଳାଇଥିଲେ। ଲଡୁ ବାବୁଙ୍କ ଏହି ଆଦର୍ଶ ଆଜିର ଯୁବପିଢି ପାଇଁ ପ୍ରେରଣାର ଉତ୍ସ ବୋଲି ରବିବାର କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ପୈତୃକ ଗ୍ରାମ ପଥରାଠାରେ ଅନୁଷ୍ଠିତ ତାଙ୍କର ଚତୁର୍ଥ ଶ୍ରାଦ୍ଧବାର୍ଷିକ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ସ୍ମୃତି ଚାରଣ ସଭାରେ ଦିବଂଗତ ନେତାଙ୍କ କାର୍ଯ୍ୟଶୈଳୀର ଆଲୋଚନା କରାଯାଇ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇପାରିଲେ ତାହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କୁହାଯାଇଥିଲା । ସ୍ୱର୍ଗତ ସ୍ୱାଇଁଙ୍କ ସ୍ତ୍ରୀ ତଥା ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ, ଶ୍ରୀକାନ୍ତ ସାହୁ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୁବାସ ଚନ୍ଦ୍ର ବେହେରା, ଲତିକା ପ୍ରଧାନ, ସୂର୍ଯ୍ୟମଣି ବୈଦ୍ୟ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ନନ୍ଦିନୀ ଦେବୀ, ନିରଞ୍ଜନ ପ୍ରଧାନ, ଏମପି ପ୍ରତିନିଧି ନିଳମଣି ପଟ୍ଟନାୟକ, ସୁରଥ ପ୍ରଧାନ ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମାଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱର୍ଗତ ସ୍ୱାଇଁଙ୍କ ପୁତ୍ର ତଥା ଯୁବ ବିଜେଡି ଗଞ୍ଜାମ ଜୋନ ସଭାପତି ନଚିକେତା ସ୍ୱାଇଁ, ଅଶ୍ୱିନୀ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଦିଲୀପ ପାଣିଗ୍ରାହୀ, ଭଗବାନ ସାହୁ, ଶିବ ନାହାକ, ରାଜେଶ ପଟ୍ଟନାୟକ, ମନୋଜ ଦୋରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ମାଉଣ୍ଟ କାରାମେଲ ସ୍କୁଲର ବାର୍ଷିକ ଉତ୍ସବ

**ଜି.ଉଦୟଗିରି,୫।୨**

ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ବାଡେନାଜୁ ନିକଟରେ ଅବସ୍ଥିତ ମାଉଣ୍ଟ କାରାମେଲ ସ୍କୁଲର ଦ୍ୱାଦଶ ତମ ବାର୍ଷିକ ଉତ୍ସବ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ବନବାସିନୀ ରାଉତଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫୁଲବାଣୀ ପିଏ ଆଇଟିଡିଏ ନରେଶ ଚନ୍ଦ୍ର ଶବର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଉପ-ଜିଲାପାଳ ତଥା ବିଡିଓ ଆଶିଷ କୁମାର ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ, ନାରୀ ସୁରକ୍ଷା ମଞ୍ଚ ସଭାନେତ୍ରୀ ବିଜୟଲକ୍ଷ୍ମୀ ତ୍ରିପାଠୀ, ଜି.ଉଦୟଗିରି ଏନ୍‌ଏସି ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ର, ଜି.ଉଦୟଗିରି ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଆଶିଷ କୁମାର ମିଶ୍ର (ବାପି ମିଶ୍ର), ମାଳିକାପଡି ସମିତିସଭ୍ୟ ସଚ୍ଚିଦାନନ୍ଦ ପ୍ରଧାନ, ସ୍କୁଲର ସମ୍ପାଦକ ଏନ.ସୁଶୋଭନ ପ୍ରମୁଖଙ୍କ ଉପସ୍ଥିତିରେ ପଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍କୁଲର ଅଧ୍ୟକ୍ଷ ଚନ୍ଦନ ପରିଚ୍ଛା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ସମ୍ପାଦକ ଏନ୍.ସୁଶୋଭନ ବିବରଣୀ ପାଠ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବିଜୟ ହାଇସ୍କୁଲର ବାର୍ଷିକ ଉତ୍ସବ





ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ରାଇକିଆ,୫।୨(ଡି.ଏନ.ଏ)**

ରାଇକିଆ ବିଜୟ ହାଇସ୍କୁଲର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦକ ଫାଦର୍ ପ୍ରଦୋଶ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ମୁଖ୍ୟ ବକ୍ତା ଭାବେ ଫୁଲବାଣୀ ବିଡିଓ ପ୍ରବୀଣ କୁମାର ବାଣୁଆ ଯୋଗ ଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଇକିଆ ଥାନା ଅଧିକାରୀ ରମାକାନ୍ତ ପାତ୍ର,ମୋ ସ୍କୁଲ କମିଟି ସଭାପତି ପ୍ରଦିପ ପ୍ରଧାନ, ବେରେଡାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, ପ୍ରତିଷ୍ଠିତ ବ୍ୟବସାୟୀ ସନ୍ଦୀପ ସାବତ, ଜୟାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ଅନ୍ୟତମ ପୁରାତନ ବିଦ୍ୟାଳୟ ଭାବେ ଖ୍ୟାତି ଲାଭ କରିଥିବା ଏହି ବିଦ୍ୟାଳୟର ଗୌରବ ମୟ ଇତିହାସ ସମ୍ପର୍କରେ ପୁରାତନ ଛାତ୍ରମାନେ ସ୍ମୃତି ଚାରଣ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ମଣ୍ଡଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ବିନୟ ସଭା ସୁନ୍ଦର ଏବଂ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଥିଲା।

# ଚିକିଟି ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ଚିକିଟି,୫।୨(ଡି.ଏନ.ଏ.)**

ଚିକିଟିଗଡ଼ ସ୍ଥିତ ମହାବିଦ୍ୟାଳୟର ସାଂସ୍କୃତିକ ପରିଷଦର ୪୧ତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ଭବାନୀ ପ୍ରସାଦ ପଣ୍ଡାଙ୍କ ସମେତ ନିମନ୍ତ୍ରିତ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଡା.ପଣ୍ଡା ସଭାପତିତ୍ୱ କରିଥିଲେ। ଗୃହ ଓ ନଗର ମନ୍ତ୍ରୀ ଉଷା ଦେବୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଦ୍ୟାର୍ଥୀ ଜୀବନ ଅତି ମୂଲ୍ୟବାନ। ଏହାର ସଦୁପଯୋଗ କରି ଆଗକୁ ବଢିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ ପରିଷଦର ଉପଦେଷ୍ଟା ଡା.ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସହଯୋଗୀ ଉପଦେଷ୍ଟା ଅଧ୍ୟାପକ ଆଶୁତୋଷ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସିମ୍ରନ୍ ମହାପାତ୍ର, ଗାୟତ୍ରୀ ପାଣିଗ୍ରାହୀ, ବୁଦ୍ଧିମତୀ କୁଣ୍ଡ, ଅବିନାଶ ମହାପାତ୍ର, ଆଦିତ୍ୟ ଦାସ ପ୍ରମୁଖ ବିଦ୍ୟାର୍ଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲା ବେଳେ ଚଳିତ ବର୍ଷର ଆଦର୍ଶ ବିଦ୍ୟାର୍ଥୀ ଭାବେ ଛାତ୍ରୀ ଶିଳ୍ପା ରାଣୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ଦୁଇ ଓ ସ୍ନାତକ ସ୍ତରରେ ଯଥାକ୍ରମେ ଦୀପ୍ତି ରାଣୀ ପ୍ରଧାନ ଓ ଅମ୍ରିତା ପଟ୍ଟନାୟକଙ୍କୁ କଲଚୁରାଲ ଚାମ୍ପିୟନ ରୂପେ ସମ୍ମାନିତ କରାଯାଇଥିଲା। ସ୍ନାତକୋତ୍ତର ଓଡ଼ିଆ ବିଭାଗର ଅମୃତ ଅଂଶୁମାନ ପଣ୍ଡା ଓଡ଼ିଆରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ସଂସ୍କୃତି ଶ୍ରୀକ୍ଷେତ୍ର ସ୍ୱର୍ଣ୍ଣ ପଦକରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଓ ଉଦ୍ଭିଦ ବିଜ୍ଞାନ ବିଭାଗ ନୂତନ କୋଠାକୁ ମନ୍ତ୍ରୀ ଉଷା ଦେବୀ ଓ ଏମପି ଚନ୍ଦ୍ର ଶେଖର ସାହୁ ଉଦଘାଟନ କରିଥିଲେ। ଅଧ୍ୟାପକ ସୁନିଲ କୁମାର ପାଢୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଉତ୍କଳ ସମ୍ମିଳନୀର ମାସିକ ବୈଠକ

**ପାରଳାଖେମୁଣ୍ଡି,୫।୨(ଡି.ଏନ୍.ଏ)**

ସ୍ଥାନୀୟ ଉତ୍କଳ ହିତୈଷିଣୀ ସଭାଗୃହରେ ସମ୍ପାଦକ ଲିଙ୍ଗରାଜ ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀ ଗଜପତି ଶାଖାର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିନୋଦ ଚନ୍ଦ୍ର ଜେନା, ବିଚିତ୍ରାନନ୍ଦ ବେବର୍ତ୍ତା, ହରିମୋହନ ପଟ୍ଟନାୟକ, ଭାଗବତ ପାଢ଼ୀ, ସୂର୍ଯ୍ୟକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଜିଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସିଦ୍ଧାନ୍ତ ନେଇଛନ୍ତି। ଆନ୍ଧ୍ର-ଓଡ଼ିଶା ସୀମା ପାଟପୁରଠାରୁ ଜଙ୍ଗଲପାଡୁ ରାସ୍ତା ତୁରନ୍ତ ମରାମତି ପାଇଁ ଆନ୍ଧ୍ର ସରକାରଙ୍କୁ ଅବଗତ କରିବା, ଗଜପତିରେ ଓଡ଼ିଆ ଭାଷାକୁ ଅଣଦେଖା ନ କରିବା, ସରକାରୀ ଦପ୍ତରରେ ଓଡ଼ିଆ ଭାଷାରେ ଚିଠିପତ୍ର ଆଦାନପ୍ରଦାନ ଓ ପାରଳା ବସ୍‌ଷ୍ଟାଣ୍ଡରେ ପ୍ରସ୍ଥାନ ପଥରେ ଭୁଲ ଲେଖାକୁ ସଂଶୋଧନ କରି ଲେଖିବାକୁ ବୈଠକରେ ଦାବି କରାଯାଇଛି।

# ହାତୀ ଉପଦ୍ରବରେ ବ୍ୟାପକ ଫସଲ ନଷ୍ଟ

**ବୁଗୁଡା,୫।୨(ଡି.ଏନ.ଏ.)**



ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଫସଲ ।

ବୁଗୁଡା ବନାଞ୍ଚଳରେ ହାତୀ ଉପଦ୍ରବରେ ଫସଲ ହାନି ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ଭଗବାନପୁର ସେକ୍ସନ ନୂଆଁପଲ୍ଲୀ ବିଟ୍ ସିଙ୍ଗିପୁର ଅଞ୍ଚଳର ଛଟିନି ପଡିଆ ଗହିରମାଳରେ ଶନିବାର ରାତିରେ ୧୨ ଟିକିଆ ହାତୀପଲର ଉପଦ୍ରବରେ ମକା ଏବଂ ପରିବା ଚାଷ ଉଜୁଡି ଯାଇଥିବା ଦେଖିବାକୁ ମିଳିଛି। ଏଥିରେ ନେତ୍ର ଉତ୍ସବ ନାୟକ, ବାସୁଦେବ ନାୟକ, ଲିଙ୍ଗରାଜ ନାୟକ, ବଂଶୀଧର ନାୟକଙ୍କ ପ୍ରାୟ ୨ ଏକର ଜମିର ଫସଲ ନଷ୍ଟ ହୋଇଛି। ଗଛ ଉପରେ ମଞ୍ଚା କରି ଜଗିଥିବା ଚାଷୀ ହାତୀମାନଙ୍କୁ ଘଉଡ଼ାଇଥିଲେ ବି ଜମିରେ ଥିବା ପରିବା ଓ ମକା ଫସଲକୁ ହାତୀପଲ ଖାଇବା ସହ ଦଳାଚକଟା କରିବା ଦ୍ୱାରା ବ୍ୟାପକ ଫସଲ ହାନି ଘଟିଛି। ଅନ୍ୟପକ୍ଷରେ ହାତୀ ଜଙ୍ଗଲରେ ରହିଥିବା କିମ୍ବା ହାତୀପଲ ଜନବସତି ମୁହାଁ ହେଉଥିବା ସମ୍ପର୍କରେ ବନ ବିଭାଗ ପକ୍ଷରୁ କୌଣସି ପ୍ରାକ୍ ସୂଚନା ମିଳୁ ନଥିବା ସହ ରାତ୍ରିକାଳୀନ ପ୍ରହରା ହେଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଖବର ପାଇ ବନପାଳ ଭୋଳେଶ୍ୱର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରି ଫେରିଥିବା ଜଣାପଡ଼ିଛି।

